ଏହି ପ୍ରଶ୍ନପତ୍ରରେ ମୋଟ **13** ଟି ପ୍ରଶ୍ନ ଅଛି ଏବଂ **8** ମୁଦ୍ରିତ ପୃଷ୍ଠା ଅଛି ।

Roll No. ରୋଲ୍ ନମ୍ବର | | | | | | | | | | | |

Code No. 55/SS/O/OR କୋଡ୍ ନମ୍ବର

SET/ସେଟ୍ A

ODIA

ଓଡ଼ିଆ

(305)

Day and Date of Examination

ପରୀକ୍ଷା ଦିନାଙ୍କ ଓ ତାରିଖ _____

Signature of Invigilators 1. _____

ନିରୀକ୍ଷକଙ୍କ ସ୍ୱାକ୍ଷର

2. _____

ସାଧାରଣ ନିର୍ଦ୍ଦେଶାବଳୀ :

1 ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ ନମ୍ବର **(Roll Nnumber)** ନିର୍ଦ୍ଦିଷ୍ଟ ସ୍ଥାନରେ ନିଷ୍ଠିତ ଲେଖନ୍ତୁ ।

2 ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କି ନାହିଁ ଦେଖି ନିଅନ୍ତୁ ।

3 ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।

4 ସମସ୍ତ ପ୍ରଶ୍ନର ଉତ୍ତର ନୀର୍ଧାରିତ ସମୟ ଭିତରେ ଦେବାକୁ ହେବ ।

5 ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।

6 ପ୍ରଶ୍ନପତ୍ରର କୋଡ୍ ନମ୍ବର **(Paper Code No. 55/SS/O/OR-A)** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।

ODIA

ଓଡ଼ିଆ

(305)

ସମୟ : **3** ଘଣ୍ଟା] [ପୂର୍ଣ୍ଣ ସଂଖ୍ୟା : **100**

ନୋଟ୍ : (i) ପ୍ରତି ପ୍ରଶ୍ନର ଉତ୍ତର ଦିଅ ।

(ii) ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଧାରିତ ସଂଖ୍ୟା (ମାର୍କ) ସୂଚିତ ହେଇଛି ।

1 (କ) ନିମ୍ନଲିଖିତ ଯେ କୌଣସି ଚାରୋଟିର ବିପରୀତ ଶବ୍ଦ ଲେଖ : 1×4=4

ପ୍ରାଚୀନ, ପାଗଳ, ବୃଷ୍ଟି, ପ୍ରସ୍ଥାନ, ସଫଳ, ମହଙ୍ଗା, ମଲା ।

(ଖ) ନିମ୍ନଲିଖିତ ଯେ କୌଣସି ଚାରୋଟି ରୂଢିର ଅର୍ଥ ଲେଖ : 1×4=4

ଅରଣ୍ୟରୋଦନ, ଅନ୍ଧର ଲଉଡ଼ି, ଆଖିରେ ଧୂଳିଦେବା, ଅକଳ ସଲାମି, ଅହିନକୁଳ ସଂପର୍କ, ଛେନାରୁ ଢ଼ୋପା ଛଡ଼ାଇବା, ଡେଙ୍ଗା ମୁଣ୍ଡରେ ଠେଙ୍ଗା ।

(ଗ) ନିମ୍ନଲିଖିତ ଯେ କୌଣସି ଚାରୋଟିର ଶୁଦ୍ଧ ରୂପ ଲେଖ : 1×4=4

ସାହାଯ୍ୟ, ଉର୍ଦ୍ଧ, ଅଧକ୍ଷ, ଚତୁବର୍ଗ, ଅଧକ୍ଷ୍ୟ, ଗୋଲକ ବିହାରୀ, ସବାଇବେ ।

(ଘ) ନିମ୍ନ ବିଶେଷ୍ୟ ପଦ ଗୁଡ଼ିକ ମଧ୍ୟରୁ ଚାରୋଟିର ବିଶେଷଣ ପଦ ଲେଖ : 1×4=4

ବିଦେଶ, ବାଆ, ଦେହ, ଉପନିବେଶ, ଈଶ୍ୱର, ଉତ୍ସାହ, ସମାଜ ।

2 ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେ କୌଣସି ତିନୋଟିର ଶୂନ୍ୟସ୍ଥାନ ପୂରଣ କର : 1×3=3

(କ) ଲଣ୍ଡନ _____ ରେ ପ୍ରଧାନ ମନ୍ତ୍ରୀଙ୍କ ବାସଭବନ ।

(ପାର୍କ ଷ୍ଟ୍ରୀଟ, ମଲ୍ ଷ୍ଟ୍ରୀଟ, ଡାଉନିଙ୍ଗ ଷ୍ଟ୍ରୀଟ)

(ଖ) ମଣିଷ _____ ଚାଲେ ।

(ପାଦପକାଇ, ଗୁରୁଣ୍ଡି ଗୁରୁଣ୍ଡି, ଫଣାଟେକି, ଘୁଷୁରି ଘୁଷୁରି)

(ଗ) ଡ୍ରାଇଭର _____ ପିନ୍ଧିଥିଲା ।

(ଯୋଡା, ବେଲ୍ଟ, ଟୋପି, ଧୋତି)

(ଘ) ପୁଅ ସ୍ୱତଃଭାବରେ ମାଆର _____ ମୁଖମଣ୍ଡଳକୁ ଚାହିଁଲା ।

(ହାତୁଆ, ସୁନ୍ଦର, ସ୍ନେହ ଲାବଣ୍ୟମୟ, ଖିଲାଳ)

(ଙ) ଏ ଦେଶ ଆମର, ବ୍ରିଟିଶ _____ ପାଇଁ ସ୍ଥାନ ଏଠି ନାହିଁ ।

(ସରକାର, ସାହେବ, ଗୋଲାମ)

3 ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେ କୌଣସି ତିନୋଟିର ଶୂନ୍ୟସ୍ଥାନ ପୂରଣ କର : 1×3=3

(କ) _____ କୁ ଡାଆଣିଆ ଖରା କୁହାଯାଏ ।

(ସକାଳର ଖରା, ଶୀତଦିନର ଖରା, ବର୍ଷାଋତୁର ଖରା)

(ଖ) ବାତାୟନ ପାଖରେ _____ ବସିଥିଲେ ।

(କୁନ୍ତଳା କୁମାରୀ, ସେଫାଳି ଫୁଲ, ମୀରା କୁମାରୀ)

(ଗ) _____ ଙ୍କୁ ବୃଷ ରାଉତର ହାତେଦେବୁ ।

(ଛୋଟ ଘୋଡ଼ା, ହାତୀ, ରଥ)

(ଘ) ଶାଗୁଣା _____ ଚିଜିଲ୍‌ଜ ହେଲେ ଶବ ପ୍ରାଣ ପାଏ ନାହିଁ ।

(ବିଲୁଆ, ଜାଉ, ମାଙ୍ଗଡ)

(ଙ) ପୃଥିବୀ ପରି _____ ସହନଶୀଳ ।

(ଗ୍ରାମବଧୂ, ସହରିଆ, ବାଳିକା)

4 ବନ୍ଧନୀ ମଧ୍ୟରୁ ସଠିକ ଉତ୍ତର ବାଛି ଯେ କୌଣସି ତିନୋଟିର ଶୂନ୍ୟସ୍ଥାନ ପୂରଣ କର : 1×3=3

(କ) ନବଘନ ବାବୁ _____ ଖାଇବାକୁ ଭଲ ପାଆନ୍ତି ।

(ଚୁଡ଼ା, ମୁଢ଼ି, ଅଣ୍ଡା, ବିସ୍କୁଟ)

(ଖ) ପ୍ରବୀର ସିନେମା ପାଇଁ ଗୀତ ଗାଏ ଓ ପ୍ରତି ଗୀତକୁ _____ ଟଙ୍କା ନିଏ ।

(ଏକ ହଜାର, ଦୁଇ ହଜାର, ତିନି ହଜାର, ପାଞ୍ଚ ହଜାର)

(ଗ) ନବଘନ ବାବୁ _____ ବିଭାଗର ଜଣେ ପଦସ୍ଥ ଅଫିସର ।

(ବିକ୍ରୀ କର, ବାଣିଜ୍ୟ କର, ଟିକସ ବିଭାଗ, ଡ଼ାକ୍ତରୀ ବିଭାଗ)

(ଘ) ପ୍ରଭାକରଙ୍କୁ ଯୁବକ ମାନେ _____ ମାଗୁଥିଲେ ।

(ପୂଜା ଚାନ୍ଦା, ବାର୍ଷିକ ଚାନ୍ଦା, କ୍ଲବ ଚାନ୍ଦା, ପ୍ରାଥମିକ ସଭ୍ୟ ଚାନ୍ଦା)

(ଙ) ଜୀବନର ପ୍ରତିଟି ମୁହୂର୍ତ୍ତ _____ ଭରା ।

(ଦୁଃଖ, ସୁଖ, ରୋମାଞ୍ଚ, ବିଷାଦ)

5 ଯେ କୌଣସି ଚାରୋଟି ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ଦିଅ : 2×4=8

(କ) ଇଂଲଣ୍ଡରେ କେତେ ମାସ ରହିଲେ ଭୋଟ ଅଧିକାର ମିଳେ ?

(ଖ) ଶ୍ରେଷ୍ଠ ମଣିଷ କିଏ ?

(ଗ) କାହାର ସମ୍ମିଶ୍ରଣକୁ ଶରୀର କୁହାଯାଏ ?

(ଘ) ଅଧକ୍ଷ ପାହାନ୍ତାରେ କ'ଣ ଅନୁଭବ କଲେ ?

(ଙ) ନାରସେନା ଛତ୍ରପୁରରେ କି ନାମ ଧାରଣ କରି ରହିଥିଲା ବୋଲି ଶୁଣାଯାଏ ?

(ଚ) ମୋ ଘରେ ବ୍ରିଟିଶ୍ ପତାକା ଉଡ଼ିବ - ରାୟ ବାହାଦୁରଙ୍କ ଏ ଉକ୍ତିକୁ ବିଜୟ କାହିଁକି ବିରୋଧ କଲା ?

(ଛ) ହେମମାଳା ଦୋତାଲା ବାରଣ୍ଡାରେ କ'ଣ କରିଥିଲେ ?

6 ଯେ କୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) ଗାଁ ଭୁଆସୁଣୀମାନେ କିପରି ସ୍ନାନ କରନ୍ତି ?

(ଖ) କବି କାହିଁକି ନିରାଶ ହେବେ ନାହିଁ ବୋଲି କହିଛନ୍ତି ?

(ଗ) ସୂର୍ଯ୍ୟ ଦେବଙ୍କୁ କିପରି ନୈବେଦ୍ୟ ଦିଆ ଯାଉଛି ବୋଲି କବି ଉଲ୍ଲେଖ କରିଛନ୍ତି ?

(ଘ) ଉତ୍କଳ ସନ୍ତାନ କବିତାରେ କବି କାହାକୁ, କାହିଁକି ଉଦ୍‌ବୋଧନ ଦେଇଛନ୍ତି ?

(ଙ) ଯୁଧିଷ୍ଠିରଙ୍କୁ ଭୀଷ୍ମ କ'ଣ କରିବାକୁ କହିଲେ ?

(ଚ) କ'ଣ ଜଲେ ରାଜାଙ୍କୁ ଦୋଶ ଲାଗିବନି ଏବଂ ରାଜ୍ୟରେ ଲକ୍ଷ୍ମୀ ବିରାଜମାନ କରିବେ ?

(ଛ) କିଏ ଗଙ୍ଗା ଠାରୁ ଗୋଦାବରୀଶ ପର୍ଯ୍ୟନ୍ତ ଜୟ କରିଥିଲେ ?

7 ଯେ କୌଣସି ଚାରୋଟି ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) 'ହାୟରେ ଦୁଃଭାଗା ସଭ୍ୟତା' ଏହା କିଏ କାହାକୁ କହିଛି ?

(ଖ) ଯୁବକ ମାନଙ୍କ ନିକଟରେ ଶକ୍ତିଅଛି କ'ଣ କରିବା ପାଇଁ ?

(ଗ) ଆଜିକାଲି ଗାଁ ଲୋକଙ୍କର କେଉଁ କଥାକୁ ସମୟ ନାହିଁ ?

(ଘ) ଗାଁରେ ଟିଣ୍ଟି ରହିବାକୁ ହେଲେ କ'ଣ କରିବାକୁ ପଡ଼ିବ ?

(ଙ) ନବଘନଙ୍କୁ ହେମାଙ୍ଗିନୀଙ୍କର କେଉଁ କଥା ଭଲ ଲାଗେନା ?

(ଚ) ମିସେସ ସିହ୍ନା ତାଙ୍କ ପୁଅର ଜନ୍ମଦିନରେ କ'ଣ କରିଥିଲେ ?

(ଛ) ନବଘନ ଅଣ୍ଡା ଓ ବିସ୍କୁଟ ବଦଳରେ କ'ଣ ଖାଆନ୍ତି ଓ କାହିଁକି ଖାଆନ୍ତି ?

8 ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : 8

(କ) ରକ୍ଷଣଶୀଳ ସମାଜର ଧକ୍କା ପଠିତ ଗଦ୍ଯରେ କିପରି ରୂପ ପାଇଛି ବର୍ଣ୍ଣନା କର ।

(ଖ) ଇଂଲଣ୍ଡରେ ଭୋଟ ଦେବାର ବ୍ୟବସ୍ଥା ସଂପର୍କରେ ଲେଖକଙ୍କ ଅଭିଜ୍ଞତା ପ୍ରଦାନ କର ।

(ଗ) ଭୂତ ଗଦ୍ଯରୁ ଆମେ କି ଶିକ୍ଷା ଲାଭ କଲେ, ଆଲୋଚନା କର ।

9 ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : 8

(କ) ଶେଫାଳି ପ୍ରତି କବିତାରେ କବିଙ୍କ ମନରେ କି ଭାବାଦର୍ଶ ସୃଷ୍ଟି ହୋଇଛି ।

(ଖ) 'ଗ୍ରାମପଥ' କବିତାରୁ କବିଙ୍କର ଗ୍ରାମ୍ୟ ଜୀବନରେ ଥିବା ଅନୁଭବ ବର୍ଣ୍ଣନା କର ।

(ଗ) ଭିଷ୍ମ ଯୁଧିଷ୍ଠିରଙ୍କୁ ରାଜ୍ୟ ପାଳନ ପାଇଁ କାହିଁକି ଉପଦେଶ ଦେଇଥିଲେ ।

10 ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ - 8

(କ) ପ୍ରଭାକର ଚରିତ୍ରର ଚାରିତ୍ରିକ ବୈଶିଷ୍ଟ୍ୟ ଆଲୋଚନା କର ।

(ଖ) 'ସକାଳର ମେଘ' ଏକାଙ୍କିକାରୁ ହେମାଙ୍ଗିନୀର ଚରିତ୍ର ଚିତ୍ରଣ କର ।

(ଗ) 'ସକାଳର ମେଘ' ଏକ ସଫଳ ଏକାଙ୍କିକା - ଦର୍ଶାଅ ।

11 ନିମ୍ନଲିଖିତ ଯେ କୌଣସି ଗୋଟିକର ପ୍ରବନ୍ଧ ଲେଖ - 8

(କ) ଜାତୀୟ ସଂହତି

(ଖ) ବିଦ୍ୟାଳୟ ପତ୍ରିକା ଓ ତାହାର ଉପକାରିତା

(ଗ) ନାରୀ ନିର୍ଯ୍ୟାତନା

(ଘ) କ୍ରିକେଟ ।

12 ତୁମେ ବଡ଼ ହେଲେ କ'ଣ କରିବ ଲେଖି ବାପାଙ୍କ ପାଖକୁ ପତ୍ର ଲେଖ । 8

କିମ୍ବା

ସଂକ୍ରାମକ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟକୁ ପତ୍ର ଲେଖ ।

13 ନିମ୍ନଲିଖିତ ପରିଚ୍ଛେଦଟି ପାଠକରି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ - 2×5+1=11

ଭାରତୀୟ ସଂସ୍କୃତି ଏକ ଆଚାରନିଷ୍ଠ ସଂସ୍କୃତି, ତ୍ୟାଗ, ତପସ୍ୟା ଓ ତପୋବନ ଏହି ସଂସ୍କୃତିର ତିନୋଟି ସ୍ତମ୍ଭ, ମନୁଷ୍ୟ ନ୍ୟାୟ, ସତ୍ୟ ଓ ଧର୍ମ ପଥରେ ଗତିକରି କର୍ମସାଧନ କରିବା ଏହି ସଂସ୍କୃତିର ମୂଳ କଥା । କିନ୍ତୁ ଏକବିଂଶ ଶତାବ୍ଦୀର ଭାରତରେ ସାଂସ୍କୃତିକ ଅବକ୍ଷୟ ଘଟିଛି ନୈତିକତାର ଅଭାବ ପରିଦୃଷ୍ଟ ହେଉଛି । ଭୋଗମୟ ଜୀବନର ଆକର୍ଷଣ ତଥା ବସ୍ତୁବାଦ ମାନବକୁ ପ୍ରଲୋଭିତ କରିଛି । ସାଧୁତା ସତ୍ୟ ପରାୟଣ ମନୋବୃତ୍ତି, ଦେଶଭକ୍ତି, ମାନବିକତା, ସହାନୁଭୂତି ସମତା ଓ ମମତା ଇତ୍ୟାଦିର ସ୍ଥାନ ତା' ହୃଦୟରେ ନାହିଁ

ଜହ୍ନିଲେ ଚଳେ ବିଧର୍ମୀ, ଦୁରାଚାରୀ ମନୁଷ୍ୟ ନିଜର ଅହଙ୍କାର ପ୍ରକାଶ କରୁଛି ରାଜନୀତିକ ବ୍ୟକ୍ତି ମାନଙ୍କ ହାତରେ କ୍ରୀତାନକ ସାଜିଛି । ନିର୍ବାଚନ ନାମରେ ବ୍ୟଭିଚାର, ପ୍ରଶାସନ ନାମରେ ଦୁର୍ନୀତି, ସର୍ବୋପରି ରାଜନୈତିକ କଳୁଷତାରେ ଭାରତ ଏକବିଂଶ ଶତାବ୍ଦୀର ନିହାତି ସଂକଟମୟ ପରିସ୍ଥିତିକୁ ମୁକାବିଲା କରୁଛି ।

ପ୍ରଶ୍ନ -

(୧) ଭାରତୀୟ ସଂସ୍କୃତିର ସ୍ୱରୂପ କ'ଣ ?

(୨) ଭାରତୀୟ ସଂସ୍କୃତିର ତିନୋଟି ସ୍ତମ୍ଭ କ'ଣ କ'ଣ ?

(୩) କେଉଁ ଶତାବ୍ଦୀରେ ଭାରତରେ ସାଂସ୍କୃତିକ ଅବକ୍ଷୟ ଘଟିଛି ?

(୪) କିଏ ମାନବକୁ ପ୍ରଲୋଭିତ କରିଛି ?

(୫) ଆଜିର ମନୁଷ୍ୟର ହୃଦୟରେ, କ'ଣ ଅଭାବ ରହିଛି ?